# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 11 August – 2026

********************************

## ମୁଖ୍ୟ ସମ୍ବାଦ

- ଦେଶରେ ୧୦ କୋଟି ୩୩ ଲକ୍ଷରୁ ଉର୍ଦ୍ଧ୍ୱ କୃଷକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିବା ଲୋକସଭାରେ ସୂଚନା ଦେଲେ ବିଭାଗୀୟ ମନ୍ତ୍ରୀ

- ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆଣ୍ଟି-ରାଗିଂ କମିଟିଗୁଡ଼ିକର ପୁନର୍ଗଠନ ପାଇଁ ସରକାରଙ୍କ ନିର୍ଦ୍ଦେଶ

- ରାଜ୍ୟରେ ଖୁବ୍ ଶୀଘ୍ର ନିଯୁକ୍ତ ହେବେ ଲୋକାୟୁକ୍ତ

ଏବଂ

- ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଆସନ୍ତାକାଲିସୁଦ୍ଧା ଲଘୁଚାପରେ ପରିଣତ ହେବା ସମ୍ଭାବନା

## ଏଲ୍‌ଏସ୍-ଫାର୍ମର ଆଇଡି

ଦେଶରେ ଏପର୍ଯ୍ୟନ୍ତ ୧୦କୋଟି ୩୩ଲକ୍ଷରୁ ଅଧିକ କୃଷକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା, ଫସଲବୀମା ଯୋଜନା ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ ଆଧାରିତ ଅର୍ଥ ହସ୍ତାନ୍ତରଣ ଓ ବିପର୍ଯ୍ୟୟ କ୍ଷେତ୍ରରେ ରିଲିଫ ପ୍ରଦାନ ବ୍ୟବସ୍ଥା ସହଜ ଓ ତ୍ୱରାନିତ ହୋଇପାରିଛି । ଆଜି ଲୋକସଭାରେ ଏକ ଲିଖିତ ଉତ୍ତରରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ରାମନାଥ ଠାକୁର କହିଛନ୍ତି କୃଷକମାନେ ସେମାନଙ୍କ ମୋବାଇଲ ଫୋନ୍ ବ୍ୟବହାର କରି କୃଷକ ଚିହ୍ନଟପତ୍ର ପାଇଁ ପଞ୍ଜିକରଣ କରିପାରିବେ । ସେ କହିଛନ୍ତି ଏହି ପଦକ୍ଷେପ ଦ୍ୱାରା ଡିଜିଟାଲ କୃଷି ମିଶନ ଏବଂ ଅନ୍ୟାନ୍ୟ କୃଷକ କୈନ୍ଦ୍ରିକ ଡିଜିଟାଲ ସେବା କ୍ଷେତ୍ରରେ କୃଷକମାନେ ଲାଭାନ୍ୱିତ ହୋଇପାରିବେ ।

## ସଂସଦ ମୁଲତବୀ

ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀଦଳ ଗୁଡ଼ିକ ପକ୍ଷରୁ ହଟ୍ଟଗୋଳ ଜାରି ରହିବାରୁ ସଂସଦର ଉଭୟ ସଦନର ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଆଜି ପୂର୍ବାହ୍ନ ୧୧ଟାବେଳେ ଲୋକସଭାର ଅଧିବେଶନ ଆରମ୍ଭ ହେବା ମାତ୍ରେ ବାଚସ୍ପତି ପ୍ରଶ୍ନକାଳ ଆରମ୍ଭ କରିବା ଲାଗି ଉଦ୍ୟମ କରିଥିଲେ । କିନ୍ତୁ ବିରୋଧୀଦଳ ସଦସ୍ୟଙ୍କ ହଟ୍ଟଗୋଳ ଜାରି ରହିବାରୁ ଗୃହକାର୍ଯ୍ୟ ସ୍ୱାଭାବିକ୍

ହୋଇପାରି ନଥିଲା । ପ୍ରଥମେ ଗୃହକୁ ମଧ୍ୟାହ୍ନ ୧୨ଟା, ୨ଟା ପରେ ଦିନକ ପାଇଁ ମୁଲତବୀ ରଖାଯାଇଛି।

ରାଜ୍ୟସଭାରେ ମଧ୍ୟ ଆଜି ସମାନ ପରିସ୍ଥିତି ଉପୁଜିଥିଲା । ପ୍ରଥମ ମୁଲତବୀ ପରେ ମଧ୍ୟାହ୍ନ ୧୨ଟାରେ ଗୃହ ସମ୍ମିଳିତ ହେବା ପରେ ଅଧ୍ୟକ୍ଷ ସି.ପି. ରାଧାକୃଷ୍ଣନ ପ୍ରଶ୍ନକାଳ ଆରମ୍ଭ କରିବା ଲାଗି ଘୋଷଣା କରିଥିଲେ । ତେବେ ବିରୋଧୀ ସଦସ୍ୟମାନେ ସ୍ଲୋଗାନ ଦେବା ଆରମ୍ଭ କରିବାରୁ ତାହା ସମ୍ଭବ ହୋଇନଥିଲା । ହଇଗୋଳ ମଧ୍ୟରେ କେନ୍ଦ୍ର ନୂତନ ଏବଂ ନବୀକରଣୀୟ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ଯଶୋ ନାୟକ ସମୁଦ୍ରକୂଳ ପବନ ଶକ୍ତିର ବିକାଶ ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେବାଲାଗି ଚେଷ୍ଟା କରିଥିଲେ । ପରିସ୍ଥିତିରେ ପରିବର୍ତ୍ତନ ନ ହେବାରୁ ଅଧ୍ୟକ୍ଷ ରାଜ୍ୟସଭାକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ବର୍ତ୍ତମାନ ଗୃହକାର୍ଯ୍ୟ ଜାରି ରହିଛି।

## ଆଣ୍ଟି ରାଗିଂ

ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଚଳିତ ଶିକ୍ଷାବର୍ଷ ଆରମ୍ଭ ହେବା ପୂର୍ବରୁ ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନରେ ଆଣ୍ଟି-ରାଗିଂ ସମ୍ପର୍କିତ କମିଟିଗୁଡ଼ିକର ପୁନର୍ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୭ ଦିନ ମଧ୍ୟରେ ଏହି ପ୍ରକ୍ରିୟା ସଂପୂର୍ଣ୍ଣ କରିବାକୁ ପଡିବ। ଛାତ୍ରଛାତ୍ରୀଙ୍କ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ସରକାର ଗୁରୁତ୍ୱାରୋପ କରିଛନ୍ତି। ଆବଶ୍ୟକସ୍ଥଳେ ଓମ୍ବୁଡ୍ସମ୍ୟାନ୍‌ଙ୍କ ନିଯୁକ୍ତି ଏବଂ ଏହି ବ୍ୟବସ୍ଥାକୁ ସକ୍ରିୟ କରିବାକୁ ନିର୍ଦ୍ଦେଶ

ଦିଆଯାଇଛି । ପାରଦର୍ଶୀତା ଏବଂ ଛାତ୍ରଛାତ୍ରୀଙ୍କ ସୁବିଧା ସୁନିଶ୍ଚିତ କରିବା ପାଇଁ ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକୁ କମିଟିର ଅଧ୍ୟକ୍ଷ, ନୋଡାଲ ଅଧିକାରୀ ଏବଂ ସଦସ୍ୟମାନଙ୍କ ନାମ, ପଦବୀ, ସରକାରୀ ଇ-ମେଲ ଆଇଡି ଏବଂ ଫୋନ ନମ୍ବର ଆଦି ପ୍ରଦର୍ଶନ କରିବାକୁ କୁହାଯାଇଛି ।

ଏହି ସମସ୍ତ ବିବରଣୀ ଅନୁଷ୍ଠାନର ନୋଟିସ୍ ବୋର୍ଡ ସହିତ ସରକାରୀ ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଇବାକୁ ପଡିବ ।

ଯାହାଦ୍ୱାରା ଆବଶ୍ୟକ ସମୟରେ ଛାତ୍ରଛାତ୍ରୀମାନେ ସଂପୃକ୍ତ ଅଧିକାରୀଙ୍କ ସହ ସିଧାସଳଖ ଯୋଗାଯୋଗ କରିପାରିବେ ।

ଯୌନ ଉତ୍ପୀଡନ ରୋକିବା ପାଇଁ ଆଭ୍ୟନ୍ତରୀଣ କମିଟି ଗଠନ କରିବାକୁ ସମସ୍ତ କଲେଜମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ମାନସିକ ସ୍ୱାସ୍ଥ୍ୟ ପାଇଁ କାଉନ୍‌ସେଲିଂ ବ୍ୟବସ୍ଥା କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି ।

**ଗଞ୍ଜେଇ**

ସାର କଳାବଜାରୀ ପ୍ରସଙ୍ଗରେ ସରକାର ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରୁଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି । ସାର ଯୋଗାଣ ସମୟରେ ଦୁର୍ନୀତି ଅଭିଯୋଗ ସାମ୍ନାକୁ ଆସିଲେ

ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ସିଂହଦେଓ କହିଛନ୍ତି...

**- V/O –**

## ଲୋକାୟୁକ୍ତ ପଦବୀ

ରାଜ୍ୟରେ ଖୁବ୍ ଶୀଘ୍ର ଲୋକାୟୁକ୍ତ ନିଯୁକ୍ତି କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଲୋକାୟୁକ୍ତ ନିଯୁକ୍ତି ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଖୁବ୍ ଶୀଘ୍ର ନିଯୁକ୍ତି ଶେଷ ହେବ ବୋଲି ଶ୍ରୀ ପୂଜାରୀ କହିଛନ୍ତି।

**- V/O –**

ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଚୟନ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଦସ୍ୟଙ୍କ ପଦବୀ ୨୦୨୪ ମସିହା ମାର୍ଚ୍ଚ ମାସରୁ ଖାଲି ହୋଇଥିଲା। ପୂର୍ବତନ ଅଧ୍ୟକ୍ଷ ଜଷ୍ଟିସ୍ ଅଜିତ୍ ସିଂ ଓ ଅନ୍ୟ ସଦସ୍ୟମାନେ ଅବସର ନେବା ପରେ ଏହି ସଂସ୍ଥାରେ ପ୍ରାୟ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପଦବୀ ଖାଲି ପଡିଛି। ଓଡ଼ିଶା ଲୋକାୟୁକ୍ତ ଆଇନ୍  ୨୦୧୪ ଅନୁଯାୟୀ, ଏହା ଗଠନ ହୋଇଥିଲା।

## କ୍ୟାବିନେଟ୍

ଭୁବନେଶ୍ୱର ଲୋକସେବା ଭବନଠାରେ ଆସନ୍ତାକାଲି ରାଜ୍ୟ କ୍ୟାବିନେଟ୍‌ର ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ

ପ୍ରସ୍ତାବକୁ ମଞ୍ଜୁରୀ ମିଳିବାର ସମ୍ଭାବନା ରହିଛି। ଏଥିରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି।

## ଗୀତା ପାଠ ପ୍ରତିଯୋଗିତା

ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭଗବତ୍ ଗୀତାର ଜ୍ଞାନ ଓ ଆଧ୍ୟାତ୍ମିକ ଚେତନା ବୃଦ୍ଧି ଲକ୍ଷ୍ୟରେ ରାଜ୍ୟର ବିଭିନ୍ନ ସ୍କୁଲ, କଲେଜ୍ ଓ ବିଶ୍ୱବିଦ୍ୟାଳୟରେ ଗୀତା ପାଠ ପ୍ରତିଯୋଗିତା ଆୟୋଜିତ ହେବ। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟ ଓ କଲେଜକୁ ଅବଗତ କରାଯାଇଛି। ଭଗବଦ୍ ଗୀତାର ଷଷ୍ଠ ଅଧ୍ୟାୟ ଆତ୍ମସଂଯମ ଯୋଗକୁ ଆଧାର କରି ଗୀତା ପାଠ ପ୍ରତିଯୋଗିତା ହେବ। ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପରେ ବିଜେତାମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ରାଜ୍ୟସ୍ତରରେ ପୁରସ୍କୃତ ଛାତ୍ରଛାତ୍ରୀଙ୍କୁ ଏକବର୍ଷ ପାଇଁ ବୃତ୍ତି ପ୍ରଦାନ କରାଯିବ। ଗୀତାପାଠ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ବିଦ୍ୟାର୍ଥୀଙ୍କଠାରୁ କୌଣସି ଦେୟ ନିଆଯିବ ନାହିଁ।

## ଚିତାଲାଗି

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ଶ୍ରାବଣ କୃଷ୍ଣ ଅମାବାସ୍ୟା ତିଥିରେ ଶ୍ରୀବିଗ୍ରହମାନଙ୍କର ଚିତାଲାଗି ନୀତି ଅନୁଷ୍ଠିତ ହେବ। ପ୍ରଥମ ଭୋଗମଣ୍ଡପ ନୀତି ଶେଷ ହେବା ପରେ ଅପରାହ୍ଣ ୨ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ହର ଘର ତିରଙ୍ଗା

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ଠାରେ ‘ହର ଘର ତିରଙ୍ଗା’ ଅଭିଯାନ ପଦଯାତ୍ରାରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଯୋଗଦେଇଥିଲେ। ଏହି ଅଭିଯାନ କେବଳ ଏକ କାର୍ଯ୍ୟକ୍ରମ ନୁହେଁ; ବରଂ ଏହା ଆମ ଏକତା, ଆତ୍ମସମ୍ମାନ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ପ୍ରତି ବିନମ୍ର ଶ୍ରଦ୍ଧାଞ୍ଜଳି। ସମସ୍ତେ ନିଜ ଘରେ ତ୍ରିରଙ୍ଗା ଉଡାଇ ଦେଶର ଏକତା, ଅଖଣ୍ଡତା ଓ ପ୍ରଗତିକୁ ସୁଦୃଢ କରିବା ପାଇଁ ସଂକଳ୍ପବଦ୍ଧ ହେବାକୁ ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

**ନବରଙ୍ଗପୁର** ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଉମରକୋଟଠାରେ ଆୟୋଜିତ ‘ହର ଘର ତିରଙ୍ଗା’ କାର୍ଯ୍ୟକ୍ରମରେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗଦେଇଛନ୍ତି। ଏହି ଅବସରରେ ଏକ ଶୋଭାଯାତ୍ରା ସ୍ଥାନୀୟ ଷ୍ଟାଡିୟମରୁ ବାହାରି ସହର ପରିକ୍ରମା କରିଥିଲା।

**ଜଗତ୍‌ସିଂହପୁର** ଜିଲ୍ଲା ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍‌ଠାରୁ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରାରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ବିଧାୟକ ଅମରେନ୍ଦ୍ର ଦାସ ସାମିଲ ହୋଇଥିଲେ।

**ଗଞ୍ଜାମ** ଜିଲ୍ଲାରେ ‘ହର ଘର ତିରଙ୍ଗା’ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲ୍ଲାପାଳ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି। ଏହି ଅବସରରେ

ଆଜିଠାରୁ ସ୍ୱାଧୀନତା ଦିବସ ପର୍ଯ୍ୟନ୍ତ ସ୍ୱଚ୍ଛତା ଅଭିଯାନ, ରଙ୍ଗୋଲି ଓ ଚିତ୍ରକଳା ପ୍ରତିଯୋଗିତା, ଶୋଭାଯାତ୍ରା ଆଦି ବିଭିନ୍ନ କାର୍ଯ୍ୟକ୍ରମ ପାଳନ କରାଯାଉଛି।

**ଦେବଗଡ଼** ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ 'ହର ଘର ତିରଙ୍ଗା' ଆୟୋଜିତ ହେବ। ଏହି ଅବସରରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପ୍ରତ୍ୟେକ ଦିନ ମାଲ୍ୟାର୍ପଣ, ମୋଟରସାଇକେଲ ରାଲି ଓ ତ୍ରିରଙ୍ଗା ରାଲି ସହର ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି।

## ତ୍ରିରଙ୍ଗା ଶୋଭାଯାତ୍ରା

**ବରଗଡ଼** ଜିଲ୍ଲାରେ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରାରେ ୧୫ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଏନ୍‌ସିସି, ସ୍କାଉଡ୍-ଗାଇଡ୍ କ୍ୟାଡେଟ୍, ସ୍ୱେଚ୍ଛାସେବୀ ଓ ସାଧାରଣ ଜନତା ସାମିଲ ହୋଇଥିଲେ।

## ଏସ୍‌ଆଇଆର

**ନୂଆପଡା** ଜିଲ୍ଲା ଖଡିଆଳ ବ୍ଲକ୍ ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ଭୋଟର ତାଲିକା ସଘନ ସଂଶୋଧନ କାର୍ଯ୍ୟକ୍ରମ ଅଧୀନରେ ଆପତ୍ତି ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବୁଥ୍‌ସ୍ତରୀୟ ଅଧିକାରୀମାନେ ଏଥିରେ ଯୋଗଦେଇ ସମସ୍ତ ତଥ୍ୟ ସଂଗ୍ରହ କରିବା ସହ ଆବଶ୍ୟକ ଅନୁସାରେ ୨୦୦୨ ମସିହାରେ ଥିବା ତାଲିକାର ତଥ୍ୟ ପ୍ରଦାନ କରୁଛନ୍ତି।

## ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଆସନ୍ତାକାଲିସୁଦ୍ଧା ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି । ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ରାଜ୍ୟର ପ୍ରାୟତଃ ସମସ୍ତ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି ।ଏହି ସମୟ ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି ।

ଗତ ୨୪ ଘଣ୍ଟା ମଧ୍ୟରେ ଜଗତ୍‌ସିଂହପୁର ଜିଲ୍ଲାର କୁଜଙ୍ଗରେ ସର୍ବାଧିକ ୧୧୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ହୀରାକୁଦ ଜଳଭଣ୍ଡାରରେ ଆଜି ମଧ୍ୟାହ୍ନ ୧୨ଟା ସୁଦ୍ଧା ଜଳସ୍ତର ୬୧୩ ଦଶମିକ ୮/୯ ଫୁଟ ରହିଛି । ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୨ ଲକ୍ଷ ୧୫ହଜାର ୭୩୮ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୧୨ଟି ଗେଟ୍ ଏବଂ ପାୱାର ଚ୍ୟାନେଲ ମଧ୍ୟ ଦେଇ ସେହି ସମୟ ମଧ୍ୟରେ ୨ଲକ୍ଷ ୧୫ହଜାର ୭୩୮ ଘନଫୁଟ ଜଳ ନିଷ୍କାସିତ ହେଉଛି ।

## ଜଳକ୍ରୀଡା

ମଧ୍ୟପ୍ରଦେଶର ଭୋପାଳଠାରେ ଅନୁଷ୍ଠିତ ହୋଇଥିବା ଜାତୀୟ ଜଳକ୍ରୀଡା ଚାମ୍ପିଅନ୍‌ସିପ୍ ୨୦୨୬-୨୭ରେ ଓଡ଼ିଶା ପୁଲିସ୍‌କୁ ପ୍ରତିନିଧିତ୍ୱ କରିଥିବା ପ୍ରତିଯୋଗୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। କ୍ରୀଡାବିତ୍‌ମାନେ ବିଭିନ୍ନ ପ୍ରତିଯୋଗିତାରେ ୨ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଏବଂ ଗୋଟିଏ କାଂସ୍ୟ ପଦକ ସହ ମୋଟ ୮ଟି ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।